


## ଖଣ୍ଡାବସା କବିତା

ମା'ଲଙ୍କେଶ୍ୱରୀ ତୋର ଖଣ୍ଡା ବୁଲୁଛେ
ଆଏଜ ଜୁନାଗଡ଼ ସାରା
ଶୁଭୁଛେ ଘଣ୍ଟବାଦ୍ୟ
ଶଙ୍ଖ ହୁଲହୁଲି ପରାକେ ପରା
ମା'ମନ୍ଦାର ଫୁଲ ସଜେଇ ହେଇଛୁ
ସିନ୍ଦୂର ଲଗେଇ ଲାଲ ଦୁଶୁଛୁ
ଲାଲ ଓଢଲି ଢାପି ହେଉଛୁ
ଜଗତ ଜନନୀ ନା ପାଇଛୁ
ମା' ତୁଇ ଏକା ଆମର ସାହା ଭରଷା
ଆମର ଜୀବନର ଧାରା
ମା' ଲଙ୍କେଶ୍ୱରୀ ତୋର ଖଣ୍ଡା ବୁଲୁଛେ
ଆଏଜ ଜୁନାଗଡ ସାରା

– ମନୋଜ କୁମାର ମେହେର,
ଗୋଲାମୁଣ୍ଡା, ଜୁନାଗଡ, କଳାହାଣ୍ଡି

# ୧୦୧ କୃତୀ ବିଦ୍ୟାର୍ଥୀଙ୍କୁ ସ୍ମାର୍ଟ ଫୋନ

## ଜୁନାଗଡ଼ରେ ରୁଚି ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ

ଜୁନାଗଡ,୯।୯(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଆରଏମସି ପରିସରରେ ବୁଧବାର ରୁଚି ମେଧାବୀ ଅଭିନନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହାକୁ କଟକ ରୁଚି ପ୍ରତିଭା ଫାଉଣ୍ଡେସନ ପକ୍ଷରୁ ଆୟୋଜନ କରାଯାଇଥିଲା । ଶିଳ୍ପ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ସହଯୋଗରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୬୦ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ପାସ୍ କରିଥିବା ୧୦୧ କୃତୀ ବିଦ୍ୟାର୍ଥୀଙ୍କୁ ସ୍ମାର୍ଟ ଫୋନ ପ୍ରଦାନ କରାଯାଇଥିଲା । ସେହିପରି ଚଳିତ ବର୍ଷ କଳାହାଣ୍ଡି ଜିଲାର ମାଟ୍ରିକ ଟପ୍ପର ସୌରଭ କୁମାର, ସିବିଏସଇ ଦଶମ ଟପ୍ପର ଭୂବନ ମେହେର ଓ ଯୁକ୍ତ ୨ ବିଜ୍ଞାନ ଟପ୍ପର ଆମନ କୁମାର ପଣ୍ଡାଙ୍କୁ ରୁଚି ସମ୍ମାନ ଫଳକ ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶିଳ୍ପମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲା ଶିକ୍ଷାଧିକାରୀ ସୁଶାନ୍ତ କୁମାର ଚୋପଦାର, ମନ୍ତ୍ରୀଙ୍କ ରାଜନୈତିକ ସଚିବ ଦୀନେଶ ବଗର୍ତ୍ତି, ଫାଉଣ୍ଡେସନର ଯୁଗ୍ମ ସମ୍ପାଦକ ତଥା ଲୋକସମ୍ପର୍କ ପ୍ରବନ୍ଧକ ଶୁଭେନ୍ଦୁ କୁମାର ଭୂୟାଁ, ଭବାନୀପାଟଣା ପୂର୍ବତନ ପୌରାଧ୍ୟକ୍ଷ ଆଦିତ୍ୟ ପ୍ରସାଦ ନନ୍ଦ, ଛାତ୍ର ସଂସଦ ସଭାପତି ଅବିନାଶ ଠାକୁର, ଜୁନାଗଡ଼ ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ହ୍ୱାଇଟ୍ କାନଭାସର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ ।































































# ସ୍ନେହ ମମତାର ପ୍ରତୀକ 'ପୋ ଜିଉଁନ୍ତିଆ'

## ଘରେ ପୂଜାର୍ଚ୍ଚନା କରିବେ ମହିଳା


ସମ୍ବଲପୁରରେ ପୋ ଜିଉଁନ୍ତିଆ ବ୍ରତ।

**ସମ୍ବଲପୁର, ୯।୯ (ବ୍ୟୁରୋ)**

ପଶ୍ଚିମ ଓଡିଶାର ନିଆରା ପୋ (ପୁଅ) ଜିଉଁନ୍ତିଆ। ମାଆ ପୁଅଙ୍କ ଅନାବିଳ ମମତା ଓ ସ୍ନେହର ପ୍ରତୀକ ଏହି ବ୍ରତ ଗୁରୁବାର ପାଳନ କରାଯିବ। ନିଃସନ୍ତାନ ମହିଳାମାନେ ମଧ୍ୟ ସନ୍ତାନପ୍ରାପ୍ତି ଆଶା ନେଇ ନିଷ୍ଠା ଓ କାଷ୍ଠାରେ ବ୍ରତ ପାଳିଥାନ୍ତି। ଚଳିତବର୍ଷ କରୋନା ମହାମାରୀ ପୋ ଜିଉଁନ୍ତିଆ ପରମ୍ପରାକୁ ପ୍ରଭାବିତ କରିଛି। ସମବେତ ହୋଇ ପୂଜାର୍ଚ୍ଚନା କରିବାକୁ ମହିଳାମାନେ ମଧ୍ୟ ଭୟରେ ରହିଛନ୍ତି। ଚଳିତବର୍ଷ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଘରେ ପୂଜାର୍ଚ୍ଚନା କରି ନୀତିକାନ୍ତି ସହ ପୋ ଜିଉଁନ୍ତିଆ ପାଳନ କରିବେ।

ପରମ୍ପରାନୁସାରେ ଆଶ୍ୱିନୀ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଆୟୁଷର ଦେବୀ ଦୂତିବାହାନଙ୍କୁ ରୀତିନୀତି ଓ ପରମ୍ପରାରେ ପୂଜାର୍ଚ୍ଚନା କରିଥାନ୍ତି। ଅତୀତରେ ଗ୍ରାମଗୁଡିକରେ ପୋ ଜିଉଁନ୍ତିଆ ପରମ୍ପରା ରହିଥିଲା। ପରବର୍ତ୍ତୀ ସମୟରେ ଏହି ନିଆରା ପରମ୍ପରା ସହରାଞ୍ଚଳରେ ମଧ୍ୟ ପାଳନ କରୁଥିବା ଦେଖିବାକୁ ମିଳିଛି। ଅଷ୍ଟମୀ ତିଥି ସକାଳେ ବ୍ରତଧାରୀମାନେ ପୂଜା ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ଅପରାହ୍ନରେ ପୋଖରୀ, ନଦୀରେ ସାମୂହିକ ସ୍ନାନ କରିବା ପୂର୍ବରୁ ଶାଳ କାଠିରେ ଦାନ୍ତ ସଫା କରିଥାନ୍ତି। ରୀତିନୁସାରେ ଶୁକ୍ଳ ବସ୍ତ୍ର ପରିଧାନ କରି ନଦୀପଠାରେ ବାଲୁକା ବେଦୀ ତିଆରି କରି ମଝିରେ କାକୁଡିର ଚକି ସ୍ଥାପନ କରନ୍ତି। କାକୁଡି ଚକି ଉପରେ ଉଫାମାର୍ଗ କାଠି ପୋତିଥାନ୍ତି। ଏହାପରେ ଫୁଲ, ଦୀପ, ଧୂପ ନୈବେଦ୍ୟ ସହ ଭୋଗ ଲଗାଇ ଶାଗୁଣା ଓ ଚିଲକୁ ପୂଜା କରିଥାନ୍ତି। ପୂଜାର୍ଚ୍ଚନା ପରେ ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଦେଇଥାନ୍ତି। ଘରକୁ ଫେରି କଦଳୀ, ନାରିକେଳ, ହରିଡା, ପିଜୁଳି, ଆଖୁ, ଅଇଁଳା, ବାହାଡା, କଇଁଥ, କନ୍ଦମୂଳ, କରମଙ୍ଗା, ଆତ, ମକା, କମଳା, କାକୁଡି, ଚାର, କେନ୍ଦୁ, ପଦ୍ମଫୁଲ, ଚମ୍ପା, ଦୁଧୁରା, ଅରଖ, ମନ୍ଦାର ଓ ଗେଣ୍ଡୁ ଫୁଲ, ବୁରପତ୍ର, ଧୂବ, ଅଁଳା ଓ ଆମ୍ବ ଡାଳ ପିତ୍ତଳ ଓ ରୌପ୍ୟ ପରାତରେ ସଜ କରିଥାନ୍ତି। ଗୋଧୂଳି ଲଗ୍ନରେ ବ୍ରତଧାରୀମାନେ ପୋଖରୀ ଓ ନଦୀକୁ ଯାଇ ଅନୁରୂପ ଭାବେ ଅପରାହ୍ନରେ ପୂଜା କରିଥିବା ରୀତିର ପୁନରାବୃତ୍ତି କରିଥାନ୍ତି। ରାତ୍ରିରେ ଗାଁ ମଝିରେ ବରଗା ଗାରରେ ସୁସଜ୍ଜିତ ପୂଜା ମଣ୍ଡଳ ପ୍ରସ୍ତୁତ ହୋଇଥାଏ। ପୂଜା ମଣ୍ଡପର ଚତୁଃପାର୍ଶ୍ୱରେ କଇଁଫୁଲ ଓ ଆମ୍ବ ଡାଳ ସଜା ଯାଇଥାଏ। ପ୍ରତ୍ୟେକ କୋଣରେ ପତ୍ରଥିବା ଆଖୁ ସ୍ଥାପନ କରାଯାଏ। ମଣ୍ଡପର ଚତୁଃପାର୍ଶ୍ୱରେ ଖୋଳା ଯାଇଥିବା ଛୋଟ ନାଳାରେ ପାଣି ଭର୍ତ୍ତି କରାଯାଇ ଜିଆମାଛ ଛଡା ଯାଇଥାଏ। ବ୍ରହ୍ମଣ ବାଳକମାନେ ଘଣ୍ଟ ଶଙ୍ଖ ବାଦନ କରିଥାନ୍ତି। ଏହା ଶୁଣି ବ୍ରତଧାରୀମାନେ ପୂଜା ସାମଗ୍ରୀ ହାତରେ ଧରି ମଣ୍ଡପକୁ ଆସିଥାନ୍ତି। ବୟସ୍କା ବ୍ରାହ୍ମଣ ମହିଳା ଦୂତିବାହାନ ଦେବୀଙ୍କ ପୂଜାର୍ଚ୍ଚନା କରନ୍ତି। ଗ୍ରାମର ପଣ୍ଡିତ ପୋ ଜିଉଁନ୍ତିଆର କଥାନୀ ଶୁଣାଇଥାନ୍ତି। କଥାନୀ ଶୁଣିବା ପରେ ବ୍ରତଧାରୀମାନେ ପଣ୍ଡିତ ଓ ବୟସ୍କା ବ୍ରାହ୍ମଣ ମହିଳାଙ୍କଠାରୁ ଆଶୀର୍ବାଦ ଭିକ୍ଷା କରି ମୁଣ୍ଡିଆ ମାରିଥାନ୍ତି। ନିଃସନ୍ତାନ ଥିବା ମହିଳାମାନେ ମଣ୍ଡପ ଚତୁଃପାର୍ଶ୍ୱରେ ପଣତ ଦେଖାଇ ବସିଥାନ୍ତି। ପାଣି ଭର୍ତ୍ତି ଥିବା ଛୋଟ ନାଳିରେ ବୟସ୍କା ମହିଳା ଅଳ୍ପ ପାଣି ଢ଼ାଳିଥାନ୍ତି। ଏହାପରେ ନାଳିରେ ଥିବା ଜିଆମାଛ ଉପରକୁ ଡେଇଁଥାନ୍ତି। ଜିଆମାଛ ଯେଉଁ ମହିଳାଙ୍କ ପଣତରେ ପଡିଥାଏ ସେମାନଙ୍କ ସନ୍ତାନପ୍ରାପ୍ତି ହୋଇଥିବା ବିଶ୍ୱାସ ରହିଛି। ପରବର୍ତ୍ତୀ ସମୟରେ ଜିଆମାଛକୁ ପଣତରେ ନେଇ ଉକ୍ତ ମହିଳା ପୋଖରୀ, ନଦୀ କିମ୍ବା ନିଜସ୍ୱ କୂଅରେ ଛାଡି ଦେଇଥାନ୍ତି। ଆଶ୍ୱିନୀ କୃଷ୍ଣପକ୍ଷ ନବମୀ ତିଥି ପ୍ରାତଃରେ ବ୍ରତଧାରୀମାନେ ନଦୀ, ପୋଖରୀକୁ ଯାଇ ସ୍ନାନ କରିବା ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥାନ୍ତି। ଘରକୁ ଫେରି ମା'ମାନେ ସନ୍ତାନମାନଙ୍କୁ କାଠ ପିଢ଼ାରେ ବସାଇ ବନ୍ଦାଣ କରନ୍ତି। ଦୀପ ଜାଳି ଫୁଲ, ସିନ୍ଦୂର, ଚନ୍ଦନ ଲଗାଇ ଅରୁଆ ଚାଉଳ ବନ୍ଦାଣ କରନ୍ତି। ଏହାପରେ ଅକ୍ଷତ ୧୦୮ ଦୂବ ଓ ୧୦୮ ଅରୁଆ ଚାଉଳରେ ପ୍ରସ୍ତୁତ ହୋଇଥିବା ଦୂବ ବିଡାକୁ ସାତ ଥର ମୁଣ୍ଡରୁ ପାଦ ପର୍ଯ୍ୟନ୍ତ ଚଢ଼ାଇଥାନ୍ତି। ପୁଅମାନେ ସାଷ୍ଟାଙ୍ଗ ପ୍ରଣିପାତ କରି ମା'ଙ୍କଠାରୁ ଆଶୀର୍ବାଦ ଭିକ୍ଷା କରନ୍ତି। ଏହାପରେ ନିର୍ଜଳା ଉପବାସ ରହିଥିବା ବ୍ରତଧାରୀମାନେ ପ୍ରସାଦ ଓ ଅନ୍ନ ଗ୍ରହଣ କରିଥାନ୍ତି। ଏହାପରେ ପୋ ଜିଉଁନ୍ତିଆ ଉଦ୍‌ଯାପିତ ହୋଇଥାଏ। ଗତବର୍ଷ ସାମୂହିକ ଭାବେ ପୂଜାର୍ଚ୍ଚନା କରିଥିଲୁ। ଚଳିତବର୍ଷ ଘରେ ପୂଜାର୍ଚ୍ଚନା କରିବାକୁ ସ୍ଥିର କରିଛୁ। ଏ ନେଇ ମାଆଙ୍କ ପରାମର୍ଶ ମଧ୍ୟ ନେଇଛି। ପରମ୍ପରା ରକ୍ଷା ସହ କୋଭିଡ- ୧୯ କଟକଣାକୁ ମଧ୍ୟ ମାନିବା ଜରୁରୀ ଅଟେ। ଏହାଦ୍ୱାରା କରୋନା ସଂକ୍ରମଣ ଅନେକାଂଶରେ କମିବ ବୋଲି କୁହନ୍ତି ଶିକ୍ଷୟିତ୍ରୀ ସୁନନ୍ଦା ଚାନ୍ଦ। ପଣ୍ଡିତ ସୁଧୀର ଦାଶ କହନ୍ତି ଯେ, ଚଳିତବର୍ଷ କରୋନା ମହାମାରୀ ଯୋଗୁ ପୂଜାର୍ଚ୍ଚନା ଅନେକାଂଶରେ କମିଯାଇଛି। ମହିଳାମାନେ ନିଜେ ଘରେ କରିବାକୁ ସ୍ଥିର କରିଛନ୍ତି। ସାମାଜିକ ଦୂରତ୍ୱ ବଜାୟ ରଖିଥିବା ତିନୋଟି ପଡାରେ ପୋ ଜିଉଁନ୍ତିଆ ପୂଜା କରିବାକୁ ସ୍ଥିର କରିଛି। ପରମ୍ପରା ବିଧି ରକ୍ଷା କରିବାକୁ ମା'ମାନେ କେବଳ ପୂଜାର୍ଚ୍ଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ସାମୂହିକ ପୋ ଜିଉଁନ୍ତିଆ କରିବାକୁ ମଙ୍ଗୁ ନାହାନ୍ତି। ତେଣୁ ଚଳିତ ବର୍ଷ କରୋନା ଯୋଗୁ ଅନେକ ପରମ୍ପରାକୁ ବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଉଛି ବୋଲି କହନ୍ତି ପଣ୍ଡିତ ଶତ୍ରୁଘନ ପୁରୋହିତ।

**– ପ୍ରସ୍ତୁତି: ବି. ଶଙ୍କର, ସମ୍ବଲପୁର**

# ବିକଶିତ ହେଉଛି ଦେବଝରନ ପର୍ଯ୍ୟଟନସ୍ଥଳ


ଦେବଝରନ ପର୍ଯ୍ୟଟନସ୍ଥଳରେ ପାର୍କ ଉଦ୍‌ଘାଟନ କରାଯାଉଛି।

## ପର୍ଯ୍ୟଟକ ପାଇଁ ଲୋକାର୍ପଣ ହେଲା ପାର୍କ

**ସମ୍ବଲପୁର,୯।୯(ବ୍ୟୁରୋ):** ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକରେ ରହିଛି ଦେବଝରନ ପର୍ଯ୍ୟଟନସ୍ଥଳ। ଘଞ୍ଚ ଜଙ୍ଗଲ,ଝରଣା,ଡ୍ୟାମ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରି ଆସୁଛି। ଏବେ ପର୍ଯ୍ୟଟକମାନଙ୍କ ପାଇଁ ଲୋକାର୍ପଣ ହୋଇଛି ପାର୍କ। ଜିଲା କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥିଭାବେ ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ପଟ୍ଟନାୟକ,ଏସଡିଓ କିଶୋର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ପୂଜାରୀ କହିଥିଲେ ଯେ, ଦେବଝରନକୁ ଆର୍ନ୍ତଜାତୀୟ ସ୍ତରରେ ଇକୋ ଟୁରିଜିମ୍ କରାଯିବ। ରାଜ୍ୟ ସରକାର ପୂର୍ବରୁ ରାସ୍ତା, ବୋଟିଙ୍ଗ ବ୍ୟବସ୍ଥା, ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ଶୌଚାଳୟ ନିର୍ମାଣ କାମ ଚାଲିଛି। ଏଥିରେ ଯାହା ସହଯୋଗ ହେବ ଯୋଗାଇ ଦିଆଯିବ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ସହରଠାରୁ ପ୍ରାୟ ୪୦ କି.ମି ଦୂରରେ ରହିଛି ଦେବଝରନ ପର୍ଯ୍ୟଟନସ୍ଥଳ। ବନ ବିଭାଗ ପକ୍ଷରୁ ଅନେକ ବିକାଶ ମୂଳକ କାମ ଜାରି ରହିଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ ତଳେ ଏହି ପାର୍କ ନିର୍ମାଣ କରାଯାଇଛି। ପ୍ରାୟ ୩ ଏକର ଜମି ଉପରେ ପାର୍କ ହୋଇଛି। ଆର୍ଥିକ ବର୍ଷ ୨୦୧୭-୧୮ରେ କ୍ଷୁଦ୍ର ଜଳ ସେଚନ ବିଭାଗ ପକ୍ଷରୁ ୪୨ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଚଳିତ ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।







# ଆଶା ସଞ୍ଚାରକଲା ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ




**ଭବାନୀପାଟଣା,୯।୯(ଡି.ଏନ୍.ଏ.)**

ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସବୁବେଳେ ଓଡ଼ିଶା ପାଇଁ ଇନ୍ଦ୍ରାବତୀ ଜଳଭଣ୍ଡାର ଏକ ନିର୍ଣ୍ଣାୟକ ଭୂମିକା ନେଇ ଆସିଛି। ବର୍ତ୍ତମାନ ଇନ୍ଦ୍ରାବତୀ ଜଳଭଣ୍ଡାର ଜଳସ୍ତର ନିର୍ଭରଯୋଗ୍ୟ ସ୍ଥିତିରେ ପହଞ୍ଚିଛି। ଚଳିତ ବର୍ଷର ଉଭୟ ଖରିଫ ଓ ରବି ଚାଷ ପାଇଁ ଜଳଭଣ୍ଡାର ଜଳସେଚନ କରି ପାରିବ ବୋଲି ଆଲୋଚନା ହେଉଛି। ପ୍ରକାଶ ଯେ, ଜଳଭଣ୍ଡାରର ଜଳ ବନ୍ଧନ ବୁଧବାର ସୁଦ୍ଧା ୬୩୬.୮୭ ମିଟରରେ ପହଞ୍ଚି ମୋଟ ଜଳ ଧାରଣ ସ୍ଥିତି ୬୩.୭୬ ପ୍ରତିଶତରେ ପହଞ୍ଚି ସାରିଥିବା ସୂଚନା ମିଳିଛି। ୨୦୧୯-୨୦ ବର୍ଷରେ ଇନ୍ଦ୍ରାବତୀ ସର୍ବାଧିକ ଜଳସ୍ତର ୬୪୧.୨୫, ୨୦୧୮-୧୯ରେ ୬୪୧.୨୨ ୨୦୧୭-୧୮ରେ ୬୩୬.୫୦, ୨୦୧୬-୧୭ରେ ୬୩୯.୭୫ ଓ ୨୦୧୬-୧୬ରେ ଜଳସ୍ତର ୬୩୬.୨୦ ମିଟରରେ ପହଞ୍ଚିଥିଲା। ଚଳିତ ଖରିଫର ବାମ ଓ ଦକ୍ଷିଣ କେନାଲ, ଶଗଡା ସମ୍ପ୍ରସାରଣ ସହିତ ୯୦ ହଜାର ୫ଶହ ହେକ୍ଟର ଇନ୍ଦ୍ରାବତୀ ମେଡା ଲିଫ୍ଟ କେନାଲରେ ପରୀକ୍ଷାମୂଳକ ଭାବେ ୭ ହଜାର ହେକ୍ଟର ଜମିରେ ଜଳସେଚନ ପାଇଁ ୯୦ କ୍ୟୁମେକ୍ସ ଜଳର ଆବଶ୍ୟକତା ପଡୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୪୨୯.୩୬୯ ମେଗାୱାଟ୍ ବିଜୁଳି ଉତ୍ପାଦନ କରାଯାଇଥିବା ଜଣାପଡ଼ିଛି। ବର୍ଷା ଅଭାବରୁ ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଅନ୍ତଃସ୍ରୋତ ଜମି ଯାଇଥିବା ବେଳେ ଏବେ ତାହା ସ୍ୱାଭାବିକ ଅବସ୍ଥାକୁ ଫେରୁଥିବା ସୂଚନା ମିଳିଛି। ଜଳସ୍ତରର ସ୍ଥିତାବସ୍ଥାକୁ ଦେଖିଲେ କୃଷି ପାଇଁ ଆବଶ୍ୟକ ପଡୁଥିବା ପାଣିକୁ ନେଇ ବିଜୁଳି ଉତ୍ପାଦନ କରାଗଲେ ଉଭୟ ଚାଷ ସୁରୁଖୁରୁରେ ହୋଇପାରିବ ବୋଲି ଅଭିଜ୍ଞ ଯନ୍ତ୍ରୀମାନେ ପ୍ରକାଶ କରିଛନ୍ତି।







# ଭୀମ ଭୋଇ ମେଡିକାଲ କଲେଜ ଆଇସିୟୁ ସଂଖ୍ୟା ୨୦କୁ ବୃଦ୍ଧି

**ବଲାଙ୍ଗୀର ଅଫିସ, ୯।୯:** କରୋନା ମହାମାରୀ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି। ସ୍ଥାନୀୟ ଭୀମ ଭୋଇ ମେଡ଼ିକାଲ କଲେଜ ହସ୍ପିଟାଲରେ କେବଳ ୧୦ଟି ଆଇସିୟୁ ବେଡ୍ ରହିଥିଲା। କରୋନା ମହାମାରୀ ସମୟରେ ଏନେଇ ବହୁ ଅସୁବିଧା ହେଉଥିଲା। କରୋନା ରୋଗୀ ଠିକ୍ ଭାବେ ଚିକିତ୍ସାସେବା ପାଇପାରୁ ନ ଥିଲେ। ଏହାକୁ ଆଖି ଆଗରେ ରଖି ସ୍ଥାନୀୟ ବିଧାୟକ ତଥା କଂଗ୍ରେସ ବିଧାୟକଦଳ ନେତା ନରସିଂହ ମିଶ୍ର ଜିଲାପାଳଙ୍କୁ ଆଉ ୧୦ଟି ଆଇସିୟୁ ବେଡ୍ ମଞ୍ଜୁରୀ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିବାକୁ ପରାମର୍ଶ ଦେଇଥିଲେ। କରୋନା ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ବିଧାୟକ ମିଶ୍ର ପୁଣିଥରେ ସ୍ୱାସ୍ଥ୍ୟ ସଚିବଙ୍କ ସହ ଟେଲିଫୋନ ଯୋଗେ କଥାହୋଇ ଆଉ ୧୦ଟି ଆଇସିୟୁ ବେଡ୍ ବଢାଇବା ପାଇଁ କହିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଆଉ ୧୦ଟି ଆଇସିୟୁକୁ ମଞ୍ଜୁର କରାଯାଇଥିବା ଜଣାପଡିଛି। ଫଳରେ ଭୀମଭୋଇ ମେଡିକାଲ କଲେଜ ହସପିଟାଲ ଆଇସିୟୁ ସଂଖ୍ୟା ୨୦କୁ ବୃଦ୍ଧି ପାଇଛି।

# କରୋନା ଯୋଦ୍ଧା ସରପଞ୍ଚଙ୍କ ମୃତ୍ୟୁ

**ଜୁନାଗଡ,୯।୯(ଡି.ଏନ.ଏ.):** କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଥିବା କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ରଙ୍କ ବୁଧବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଛି। ସନ୍ଧ୍ୟାରେ ଭଇଁରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ସ୍ୱର୍ଗତ ପାତ୍ରଙ୍କୁ ଗାର୍ଡ ଅଫ୍ ଅନର୍ ସମ୍ମାନ ଦିଆଯାଇଥିଲା। ଏହି ସମୟରେ ମନ୍ତ୍ରୀଙ୍କ ସମେତ ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହା, ଭାରପ୍ରାପ୍ତ ଥାନାଧିକାରୀ ଉତ୍ତମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।






